# ଓଡିଶା ରିଲିଫ୍ କୋର୍ଡ-୧୯୮୦ ର ପ୍ରାସଙ୍ଗିକତା

---

୧. ପ୍ରଚଳିତ ଓଡିଶା ରିଲିଫ କୋର୍ଡ-୧୯୮୦ ଏକ ବିବର୍ତ୍ତନ ପ୍ରକ୍ରିୟାରେ ବର୍ତ୍ତମାନର ରୂପ ହାସଲ କରିଛି । ଏହାର ଆଦି ସଂସ୍କରଣ ଥିଲା ବିହାର-ଓଡିଶା ଦୁର୍ଭିକ୍ଷ କୋର୍ଡ-୧୯୧୩ (**Bihar-Orissa Famine Code-1913**), ଯାହାକି ପ୍ରକାଶ ପାଇଥିଲା ୧୮୯୯-୧୯୦୦ ମସିହାରେ ଭାରତର କେତେକ ସ୍ଥାନରେ ଦେଖାଯାଇଥିବା ଦୁର୍ଭିକ୍ଷର ସମୀକ୍ଷା କରିବାପାଇଁ ଗଢାଯାଇଥିବା କମିଶନଙ୍କ ରିପୋର୍ଟ ଓ ସୁପାରିଶ୍‌କୁ ଭିତ୍ତି କରି । ତାପରେ ୧୯୩୦ ମସିହାରେ ଏହାର କେତେକ ସଂଶୋଧନ କରାଯାଇଥିଲା । ୧୯୩୬ ରେ ଉତ୍କଳ ସ୍ୱତନ୍ତ୍ର ପ୍ରଦେଶ ହେଲାପରେ ଏହି କୋର୍ଡ କାଏମ୍ ଥିଲା । ଭାରତ ସ୍ୱାଧିନ ହେଲାପରେ ୧୯୫୦ରେ ସେହି କୋର୍ଡକୁ ପୁନଃମୁଦ୍ରଣ ସହିତ ପୁନର୍ବାର କାଏମ୍ ବୋଲି ଘୋଷଣା କରାଗଲା । ଏହାପରେ ୧୯୭୮ରେ ସପ୍ତମ ଅର୍ଥ କମିଶନ୍ ବିଭିନ୍ନ ରାଜ୍ୟକୁ କେନ୍ଦ୍ରୀୟ ବିପର୍ଯ୍ୟୟ ପାଣ୍ଠିରୁ ସାହାଯ୍ୟ ପ୍ରଦାନ ନୀତିର ସମୀକ୍ଷା କରି କେତେକ ସୁପାରିଶ୍ ସହିତ ପ୍ରତି ରାଜ୍ୟ ତଦନୁଯାୟୀ ନିଜ ନିଜର ରିଲିଫ କୋର୍ଡ ସଂଶୋଧନ କରିବା ଉଦ୍ଦେଶ୍ୟରେ ମତ ଦେଇଥିଲେ । ଏହାକୁ ଭିତ୍ତିକରି ଅପେଲ୍ ୧୯୭୯ ରେ ଭାରତ ସରକାର ଓଡିଶା ସମେତ ସମସ୍ତ ରାଜ୍ୟକୁ ନିର୍ଦ୍ଦେଶନାମା ଜାରିକରିଥିଲେ । ବର୍ତ୍ତମାନର ଓଡିଶା ରିଲିଫ କୋର୍ଡ-୧୯୮୦ ତହିଁର ପରିଣତି ।

୨. ଉପର ବର୍ଣ୍ଣିତ ସଂକ୍ଷିପ୍ତ ଇତିହାସରୁ ଆମେ ଦେଖିଲେ ଯେ, ଇଂରେଜ ଅମଳ ଭଳି ସ୍ୱାଧିନ ଭାରତରେ ମଧ୍ୟ ଓଡିଶା ରିଲିଫ୍ କୋର୍ଡ କେବଳ ଉପରିସ୍ଥ କେନ୍ଦ୍ରୀୟ ପ୍ରଶାସନିକ ଚାପରେ ପ୍ରସ୍ତୁତ ବା ସଂଶୋଧିତ ହୋଇଛି । କେବେହେଲେ ଏହା ଜନ-ବିତର୍କର ପରିସରକୁ ଆସନାହିଁ । କେବଳ ସେତିକି ନୁହେଁ, ସାଧାରଣ ଲୋକଙ୍କ କଥା ଦୂରେ ଥାଉ, ସମାଜର ଗୁରିତ୍ୱପୂର୍ଣ୍ଣ କ୍ଷେତ୍ରରେ କାର୍ଯ୍ୟରତ ଥିବା ଘରୋଇ ସଂଗଠନ ବା ବ୍ୟକ୍ତି ବିଶେଷଙ୍କ ନିକଟରେ ଏହି କୋର୍ଡ କିମ୍ବା ଏହା ସଂବନ୍ଧରେ ସଠିକ୍ ମୌଳିକ ତଥ୍ୟଗତ ସୂଚନା ମିଳିବନାହିଁ । କେବଳ ମଝିରେ ମଝିରେ ବିଧାନସଭାର ଆଲୋଚନା ପ୍ରସଙ୍ଗରେ ଏହି କୋର୍ଡ ଉପରେ କେହି କେହି ସଭ୍ୟ ଟିପ୍ପଣୀ ଦେଇଥାନ୍ତି ଓ ତାହା ଖବରକାଗଜରେ ବାହାରିଲାପରେ ଲୋକମାନେ ଜାଣିବାକୁ ପାଇଥାନ୍ତି ଯେ, ଏପରି ଏକ କୋର୍ଡ ଅଛି, ଯାହାକି ବନ୍ୟା, ମରୁଡି, ବାତ୍ୟା ଭଳି ସମସ୍ତ ପ୍ରାକୃତିକ ବିପର୍ଯ୍ୟୟର ପ୍ରତିକାର ସଂବନ୍ଧରେ ଏକ ସର୍ବନିୟନ୍ତା ସରକାରୀ ଦଲିଲ୍ । ବର୍ଷବର୍ଷ ଧରି ସରକାରୀ ପଦାଧିକାରୀମାନେ ଏହି କୋର୍ଡର ଭାବମୂର୍ତ୍ତୀ ଏଭଳି ଭାବେ ତିଆରି କରିଛନ୍ତି ଯେ, ସାଧାରଣ ଲୋକେ ଏହାକୁ ଏକ ଗୋପନୀୟ ଏବଂ ଦୁଷ୍ପ୍ରାପ୍ୟ ସରକାରୀ ଦଲିଲ୍ ବୋଲି ମନେ କରିଥାନ୍ତି । ସୁତରାଂ ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ଏହି କୋର୍ଡର ପ୍ରକୃତ ସ୍ଥିତି କ□ଣ, ତାହା ବିଚାର କରିବାର ବେଳ ଆସିଛି ।

୩. ଓଡିଶା ରିଲିଫ୍ କୋର୍ଡ –୧୯୮୦ର ମୁଖବନ୍ଧ (**Preface**) ରେ କୁହାଯାଇଛି ଯେ, **There may be need for additions and improvements, which will be covered by orders of Government in Revenue Department, but the fundamentals will remain unchanged".** କିନ୍ତୁ ଏହି ଅପରିବର୍ତ୍ତନୀୟ ମୌଳିକ ବୈଶିଷ୍ଟ୍ୟ (**Fundamentals**) ଗୁଡିକ କଣ ? ଏବଂ ଅତୀତ ଅଭିଜ୍ଞତା ପରିପ୍ରେକ୍ଷିରେ ଏହି ମୌଳିକ ବୈଶିଷ୍ଟ୍ୟ ଗୁଡିକ ସାଧାରଣ ଲୋକମାନଙ୍କୁ ପ୍ରାକୃତିକ ବିପର୍ଯ୍ୟୟ କବଳରୁ କିପରି ଓ କେତେଦୂର ରକ୍ଷା କରି ପାରିଛି ?

୪. ଓଡିଶା ରିଲିଫ୍ କୋର୍ଡରେ ସ୍ୱୀକାର କରାଯାଇଛି ଯେ, " **Because of the fact that by its very nature, heavy amounts of funds are required to be spent within a short time, there is likelihood of wastage and pilferage………. There may be need for activising the Vigilance Cells for proper utilization of funds and goods. The Special Relief Commissioner may constitute such Cells at the appropriate level according to necessity." (Para 20-Vigilance, Chapter II- Administrative Relief Organisation, Orissa Relief Code 1980).** ପୁଣି ଏହାର ପରବର୍ତ୍ତୀ **Para –21 Inspection and Supervision** ରେ କୁହାଗଲା ଯେ, □**The Board of Revenue, SRC, RDCs, the other Heads of Departments and the Collectors should do well to look to the working of the operations during their tours and inspections."** ଏହି ଅନୁଭାଗର ପ୍ରଥମେ **Para 11- General** ରେ କୁହାଯାଇଅଛି ଯେ, **The Revenue Department and the Board of Revenue shall coordinate the work of all the Departments of Government and Heads of Department in regard to relief operations."** ବର୍ତ୍ତମାନ ପ୍ରଶ୍ନ ଉଠୁଛି, ଯେଉଁ ବିଭାଗର ତତ୍ତ୍ୱାବଧାନରେ ସମୁଦାୟ ସରକାରୀ ରିଲିଫ୍ କାରବାର ହେବ, ସେହି ବିଭାଗର ପଦାଧିକାରୀଙ୍କୁ ରିଲିଫ୍ ହେରଫେର୍‌ର ଅନୁସନ୍ଧାନର କ୍ଷମତା ଦିଆଯିବା କେତେଦୂର ବିଧିସମ୍ମତ ? ମୂଳରୁ ଏଯାବତ୍ ସରକାରୀ ପଦାଧିକାରୀମାନଙ୍କ ଦ୍ୱାରା କରାଯାଇଥିବା ବ୍ୟାପକ ରିଲିଫ୍ ତୋଷରପାତ ପାଇଁ ଓଡିଶା ରିଲିଫ୍ କୋର୍ଡର ଏତାଦୃଶ ଏକତରଫା ବ୍ୟବସ୍ଥା ଦାୟୀ ନୁହେଁକି ?

୫. ଏହି ରିଲିଫ୍ କୋର୍ଡରେ ରିଲିଫ୍ ସଂଗ୍ରହ ଓ ଆବଣ୍ଟନର ଦୈନନ୍ଦିନ କାରବାର ସଂବନ୍ଧରେ ସରକାରୀ ପଦାଧିକାରୀମାନେ ନିଜ ନିଜ ଭିତରେ ସୁଚନା ଆଦାନ ପ୍ରଦାନପାଇଁ ଟିକିନିଖି ବ୍ୟବସ୍ଥା ଥିଲେହେଁ, ସର୍ବସାଧାରଣଙ୍କୁ ଜଣାଇବାର କୌଣସି ବିଧିବଦ୍ଧ ବ୍ୟବସ୍ଥା ନାହିଁ, ଯାହା ଫଳରେ କି, ଠିକ୍ ବିପର୍ଯ୍ୟୟ ସମୟରେ ଦୂରଦୂରାନ୍ତ ଗାଁଗଣ୍ଡାରୁ ବହୁ ଲୋକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଦଉଡି ଆସିଥାନ୍ତି, କେବଳ ବୁଝିବା ପାଇଁ, ଯେ, ତାଙ୍କ ଗାଁକୁ ରିଲିଫ ଗଲା କି ନାହିଁ । ଏବଂ ଅନ୍ୟ ପକ୍ଷରେ ସମୁଦାୟ ରିଲିଫ କାରବାର ସରକାରୀ ଗୋପନୀୟତା ଭିତରେ ଚାଲୁଥିବାରୁ ସରକାରୀ କର୍ମଚାରୀଙ୍କ ଦ୍ୱାରା ରିଲିଫ ହେରଫେର ଓ ତୋଷରପାତପାଇଁ ରାସ୍ତା ଖୋଲା ରହୁଛି ଓ ସୁଚନାରୁ ବଞ୍ଚିତ ସାଧାରଣ ଲୋକେ ଏହା ବିରୁଦ୍ଧରେ ପ୍ରତିବାଦ କରିବାର ପ୍ରଶ୍ନ ଉଠୁନାହିଁ ।

୬. ଗତ ମହାବାତ୍ୟା (୧୯୯୯) ଓ ମହାବନ୍ୟା (୨୦୦୧) ସମୟରେ ପରଲକ୍ଷିତ ହୋଇଛି ଯେ, ବହୁ ପରିମାଣର ରିଲିଫ୍ ଜିଲ୍ଲା ସଦର ମହକୁମା ମାନଙ୍କରେ ଗଚ୍ଛିତ ଥାଇ, ଏପରିକି ନଷ୍ଟ ହେଉଥିଲା ବେଳେ ଆକ୍ରାନ୍ତ ଅଞ୍ଚଳଗୁଡିକରେ ଲୋକମାନେ ରିଲିଫ୍ ଅଭାବରୁ ତହଳବିକଳ ହେଉଥିଲେ । ପ୍ରଶାସନ ତରଫରୁ କୁହାଯାଉଥିଲା ଯେ, ଡଙ୍ଗାର ଅଭାବ । ପଡୋଶୀ ଆନ୍ଧ୍ରପ୍ରଦେଶରୁ ଡଙ୍ଗା ଆସିବାପାଇଁ ଅପେକ୍ଷା କରାଯାଇଛି ।ଏକଥା କାହାରିକୁ ଅଛପା ନୁହେଁ ଯେ,

ବ୍ୟାପକ ନଦୀନାଳ ଓ ସମୁଦ୍ର କୂଳ ଥିବା ଓଡିଶାରେ କେବଳ ମତ୍ସ୍ୟଜୀବିମାନଙ୍କ ମାଲିକାନାରେ ପ୍ରାୟ ୧୩,୦୦୦ ବିଭିନ୍ନ କିସମର ଡଙ୍ଗା ରହିଛି, ଯେଉଁଗୁଡିକ କି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଅଚଳ ଥାଏ ଓ ସେମାନଙ୍କର ମାଲିକ ଓ ପରିବାରବର୍ଗ ଭୋକଉପାସରେ ସମୟ କାଟୁଥାଆନ୍ତି । ଯଦି ଏହି ସ୍ଥାନୀୟ ଡଙ୍ଗାଗୁଡିକୁ ଯଥେଷ୍ଟ ପୂର୍ବରୁ ରିଲିଫକାର୍ଯ୍ୟ ପାଇଁ ପଞ୍ଜିକରଣ କରି ପ୍ରସ୍ତୁତ ରଖାଯାଇପାରନ୍ତା, ତେବେ ରିଲିଫ ସାମଗ୍ରୀର ଆଶୁ ସରବରାହ ସହିତ ଡଙ୍ଗାଚାଳକ ଓ ସେମାନଙ୍କ ପରିବାର ଏକ କଷ୍ଟପୂର୍ଣ୍ଣ ସମୟରେ ଭରଣପୋଷଣର ସୁଯୋଗ ପାଆନ୍ତେ । କିନ୍ତୁ ଓଡିଶା ରିଲିଫ୍ କୋର୍ଡ –୧୯୮୦ ରେ ଏପରି ଦୂରଦୃଷ୍ଟିଭିତ୍ତିକ ପଦକ୍ଷେପନେବା ପାଇଁ କାହାରି କ୍ଷମତା ନାହିଁ । ଏହାର **Para-55 Deployment of Boats ( Chapter IV- Floods)** ରେ କୁହାଯାଇଛି ଯେ, **" In case the country boats are not adequate, the Board of Revenue/SRC may authorize the Collectors to hire private boats for flood relief purposes as deemed necessary".** ଅର୍ଥାତ୍ , ଠିକ୍ ବାହାଘର ବେଳକୁ ବାଇଗଣ ରୁଆ । କେବଳ ଡଙ୍ଗା ବ୍ୟାପାରରେ ନୁହେଁ, ରିଲିଫ୍ ସାମଗ୍ରୀ କେଉଁଠାରେ ଗଚ୍ଛିତ ରଖାଯିବ, ସେଥିପାଇଁ ସ୍ଥାନଖୋଜା ଠିକ୍ ରିଲିଫ୍ ଟ୍ରକ୍ ପହଞ୍ଚିଲା ପରେ ଆରମ୍ଭ ହୋଇଥାଏ । ସାମଗ୍ରୀକ ଭାବେ କହିବାକୁ ଗଲେ, ଓଡିଶା ରିଲିଫ୍ କୋର୍ଡ ବିପର୍ଯ୍ୟୟ ମୁକାବିଲାପାଇଁ ଏକ **Pro-active** ( ଅଗ୍ରୀମ ପ୍ରସ୍ତୁତି) ଦଲିଲ୍ ନୁହେଁ , ବରଂ ଏହାର ବିପରୀତ ।

୭. ବନ୍ୟା, ବାତ୍ୟା ଓ ମରୁଡିର କାରଣ ଓ ପ୍ରଶମନ ସହିତ ଜଳ-ପ୍ରବାହର ଗଭୀର, ଅବିଚ୍ଛେଦ୍ୟ ସଂପର୍କ ଥିବା ସତ୍ତ୍ୱେ, ବିପର୍ଯ୍ୟୟ ପୂର୍ବରୁ, ବିପର୍ଯ୍ୟୟ ସମୟରେ ଓ ବିପର୍ଯ୍ୟୟ ପରେ କେନାଲ, ନଦୀ-ନାଳ ଓ ଅନ୍ୟାନ୍ୟ ଜଳ-ପ୍ରବାହର ନିୟନ୍ତ୍ରଣ ସଂବନ୍ଧରେ ଓଡିଶା ରିଲିଫ୍ କୋର୍ଡରେ ସବିଶେଷ ସୂଚନା ନାହିଁ । କେବଳ **Chapter –III Drought Para-36- Provision for Immediate Irrigation Facilities** ରେ କୁହାଯାଇଛି ଯେ, **" As soon as declaration of drought is made by the Government..... an allout effort should be made to save the existing standing crops in the drought affected areas."** ସୁତରାଂ , କହିବା ବାହୁଲ୍ୟ, ଏଭଳି ବ୍ୟବସ୍ଥା, ରୋଗୀ ମଲାପରେ ଡାକ୍ତର ପହଞ୍ଚିବା ଭଳି ।

୮. ସମ୍ବିଧାନର ୭୩ ଓ ୭୪ତମ ସଂଶୋଧନ ଦ୍ୱାରା ତ୍ରୀସ୍ତରୀୟ ପଞ୍ଚାୟତିରାଜ ସଂସ୍ଥା ଓ ନଗରପାଳିକାଗୁଡିକୁ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ସମେତ ଆହୁରି ଅନେକ ବ୍ୟାପାରରେ ଯଥେଷ୍ଟ କ୍ଷମତା ଦିଆଯାଇଥିଲେ ହେଁ, ଓଡିଶା ରିଲିଫ କୋର୍ଡରେ ଏହି ଲୋକପ୍ରତିନିଧିମୂଳକ ସଂସ୍ଥାଗୁଡିକୁ କେବଳ ନାମମାତ୍ର ସ୍ଥାନ ଦିଆଯାଇଛି । **Chapter- II Administrative Relief Organisation Para 19- Association of people's representatives** ରେ କୁହାଯାଇଛି ଯେ, ଜିଲ୍ଲା ସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକକୁ ଆବଶ୍ୟକ ସ୍ଥଳେ ( **whenever considered necessary)** ପଞ୍ଚାୟତ ସମିତିର ଅଧ୍ୟକ୍ଷଙ୍କୁ ଡକାଯାଇପାରେ । ସୁତରାଂ କୋର୍ଡ ଅନୁଯାୟୀ ପଞ୍ଚାୟତ କି ନଗରପାଳିକା ବିପର୍ଯ୍ୟୟ ପ୍ରସ୍ତୁତିର ଅବିଚ୍ଛେଦ୍ୟ ଅଙ୍ଗ ନୁହେଁ । ଯେତେବେଳେ ଓଡିଶା ସମେତ ସାରା ଦେଶରେ ପଞ୍ଚାୟତକୁ କ୍ଷମତାର ମୂଳ ଆଧାର ବୋଲି ଗ୍ରହଣ କରାଯାଉଛି, ଯେତେବେଳେ ଓଡିଶା ରିଲିଫ୍ କୋର୍ଡର ଦୃଷ୍ଟିଭଙ୍ଗୀ ନିତାନ୍ତ ପଛୁଆ ନାହିଁକି ?

୯. ଓଡିଶା ରିଲିଫ୍ କୋର୍ଡର **Chapter –IX Administration of Relief given by other Governments, Semi-Government, Voluntary Organisations and individuals** ରେ ସ୍ୱେଚ୍ଛାସେବୀ ଓ ବଦାନ୍ୟ ସଂଗଠନ ଓ ବ୍ୟକ୍ତିବିଶେଷଙ୍କ ନିକଟରୁ ସରକାର ରିଲିଫ୍ ଗ୍ରହଣ କରି ପାରିବାର ବ୍ୟବସ୍ଥାମାନ ରହିଛି, କିନ୍ତୁ ବେସରକାରୀ ରିଲିଫ୍ ପ୍ରତି କୋର୍ଡର ନିରୁତ୍ସାହପ୍ରଦ ମନୋଭାବ ନିମ୍ନ ଉଦ୍ଧୃତିରୁ ସ୍ପଷ୍ଟ ହେବ, **Para- 189 (b) Some voluntary organizations or individuals may like to distribute cooked food or clothing themselves in some distress areas and may require assistance for transporting the material at Government cost. In this case no vehicle should be provided nor any expenditure incurred out of Government funds. The responsibility of transporting the materials and distributing the same, entirely rests with the voluntary organization or individuals concerned. But where the individuals or organizations hand over the stock to the Collector, subject to the instructions of the Board of Revenue/S.R.C. in the matter, the stock may be taken charges of by the Collector and distributed in the selected affected areas at Government cost. The Board of Revenue/S.R.C. may issue standing instruction to supplement the provision in these sections for the administration of such relief.**

୧୦ ବର୍ତ୍ତମାନର ପରିବର୍ତ୍ତିତ ପରିସ୍ଥିତିରେ ଉଭୟ ଆନ୍ତର୍ଜାତିକ ଓ ଜାତୀୟ ସ୍ତରରେ ରିଲିଫ୍ କାର୍ଯ୍ୟଟି ବିପର୍ଯ୍ୟୟ ମୁକାବିଲାର ସାମଗ୍ରୀକ ପ୍ରସ୍ତୁତିର ଏକ ଅଙ୍ଗବିଶେଷ ବୋଲି ପରିଗଣିତ । ବର୍ତ୍ତମାନ ଅତ୍ୟାଧୁନିକ ବୈଜ୍ଞାନିକ ଉପାୟର ପ୍ରୟୋଗ ଦ୍ୱାରା କେବଳ ଯେ ବିପର୍ଯ୍ୟୟ-ପରବର୍ତ୍ତୀ ପରିସ୍ଥିତିର ଆଶୁ ଓ ସଫଳ ମୁକାବିଲା କରାଯାଇପାରିବ, ତାହା ନୁହେଁ, ବରଂ ବିପର୍ଯ୍ୟୟର ଗତିପଥକୁ ଆଗରୁ ଜାଣିହେବ ଏବଂ ଉପଯୁକ୍ତ ପ୍ରତିଷେଧକ ବ୍ୟବସ୍ଥାମାନ ଦ୍ୱାରା ଏହାର ତୀବ୍ରତାକୁ କିଛି ପରିମାନରେ ନିୟନ୍ତ୍ରଣ କରିହେବ । ସୁତରାଂ ଓଡିଶା ରିଲିଫ କୋର୍ଡ ବଦଳରେ ଏବେ ଆବଶ୍ୟକ ପଡୁଛି- ଓଡିଶା ବିପର୍ଯ୍ୟୟ ମୁକାବିଲା କୋର୍ଡ ( **Orissa Disaster Management Code )** , ଯାହାର ଏକ ସଫଳ ସଂସ୍କରଣ ଜନ୍ମ ନେଇପାରିବ ବ୍ୟାପକ ଏବଂ ମୁକ୍ତ ଜନବିତର୍କ ଭିତରୁ ।

**Chitta Ranjan Behera, 4A Jubilee Tower, Choudhury Bazar, Cuttack-753009, PH: 0671-623518**
**Email: chittabehera@rediffmail.com**